

ବର୍ତ୍ତମାନ ଜୀବନକୁ ଉପଭୋଗ କର, ଆଗରେ କ'ଣ ହେବ ସେ ବିଷୟରେ ବେଶି ଭାବନା ।
-ଲେନିନ୍



## ସଂକ୍ଷେପରେ

### ସ୍ୱାସ୍ଥ୍ୟକେନ୍ଦ୍ରରେ ତାଲା ପକାଇ ଧାରଣା



ଦଶମନ୍ତପୁର,୧୦।୯(ଡି.ଏନ୍.ଏ.): ହରେଇଥିବା ଜମିର ଅର୍ଥ ଓ ସ୍ଥାୟୀ ଚାକିରି ଦାବିକରି ଜଣେ ଜମି ମାଲିକଙ୍କ ପରିବାର ମଙ୍ଗଳବାର ଦଶମନ୍ତପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ତାଲା ପକାଇ ଧାରଣା ଦେଇଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ଜମି ଦେଇଥିବା ଜଗବନ୍ଧୁ କୁମ୍ଭାର କିମ୍ବା ତାଙ୍କ ପରିବାର ସଦସ୍ୟଙ୍କୁ ଏଯାବତ୍ ଜମିର ଉପଯୁକ୍ତ ପ୍ରାପ୍ୟ କିମ୍ବା ସ୍ଥାୟୀ ନିଯୁକ୍ତି ଦିଆଯାଇ ନ ଥିଲା । ୨୦୧୬ରୁ ସେ ଜିଲାପାଳ, ସିଡିଏମ୍‌ଓଙ୍କୁ ବାରମ୍ବାର ଲିଖିତ ଓ ମୌଖିକ ଅଭିଯୋଗ କରିଆସୁଥିବା ସହ ଧାରଣା ମଧ ଦେଉଥିଲେ। ତେଣୁ ତାଙ୍କ ପୁଅ ଟୁଟୁ କୁମ୍ଭାରଙ୍କୁ ଅସ୍ଥାୟୀ ଭାବେ ନିଯୁକ୍ତି ଦିଆଯାଇଥିଲା। କିନ୍ତୁ ପରେ ତାଙ୍କୁ ଅଣଦେଖା କରାଯାଇଥିବା ଜଗବନ୍ଧୁ ଅଭିଯୋଗ କରିଛନ୍ତି। ତାଙ୍କର ଜମିରୁ ୫୦ ସେଣ୍ଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ଯାଇଛି। ବର୍ତ୍ତମାନ ତାଙ୍କ ବଡ଼ ପରିବାର ଜମି ଥିଲେ ତାହାକୁ ବିକ୍ରି କରି ବଞ୍ଚିଥାଆନ୍ତେ ବୋଲି ସେ କହିଛନ୍ତି। ସୂଚନା ପାଇ ଥାନା ସେକେଣ୍ଡ ଅଫିସର ମାନସ ରଞ୍ଜନ ଭୋଇ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଜୀବନଜ୍ୟୋତି ଜେନା ଏବଂ ତହସିଲ ପ୍ରଶାସନ ଘଟଣାସ୍ଥଳରେ ପହଞ୍ଚି ଜମି ମାଲିକଙ୍କ ପରିବାରକୁ ଆଇନ ହାତକୁ ନନେଇ ସରକାରୀ ନିୟମାନୁସାରେ ଯିବାକୁ ପରାମର୍ଶ ଦେଇଥିଲେ ଏବଂ ସହଯୋଗ କରିବେ ବୋଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଜେନା ପ୍ରତିଶ୍ରୁତି ଦେବା ପରେ ତାଲା ଖୋଲିଥିଲା।

### ଦୁର୍ଗାପୂଜା ପାଇଁ ଶୁଭଖୁଣ୍ଟି ସ୍ଥାପନ

ଦାମନଯୋଡ଼ି,୧୦।୯(ଡି.ଏନ୍.ଏ.): ଭେଜାପୁଟ ମାର୍କେଟ୍ ଶ୍ରୀସିଦ୍ଧେଶ୍ୱର ମହାଦେବଙ୍କ ମନ୍ଦିର ସମ୍ମୁଖରେ ହେଉଥିବା ଦୁର୍ଗାପୂଜା ପାଇଁ ମଙ୍ଗଳବାର ମାଟିଉଠା କାର୍ଯ୍ୟ ଓ ଶୁଭଖୁଣ୍ଟି ସ୍ଥାପନ ହୋଇଛି। ନିକଟସ୍ଥ ମରିଚମାଳ ନଦୀପଠାରୁ ପୂଜାର୍ଚ୍ଚନା ପରେ ମାଟିଉଠା ହୋଇଥିଲା। ପୂଜକ ମାନସ କୁମାର ଦାଶ ପୂଜାକାର୍ଯ୍ୟ କରିଥିଲେ। ପ୍ରଭୁଚରଣ ସାହୁ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଧୀରେନ ବାବାଙ୍କ ସହ କୈଳାସ ଚନ୍ଦ୍ର ମହାନ୍ତ, ଅନାଦି ଚରଣ ସାହୁ, ତାରିଣୀ ସାହୁ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ଭେଜାପୁଟର ଶ୍ରୀସିଦ୍ଧେଶ୍ୱର ବଣିକ ସଂଘର କର୍ମକର୍ତ୍ତା ଓ ବ୍ୟବସାୟୀଙ୍କ ସହ ସ୍ଥାନୀୟ ଗ୍ରାମବାସୀଙ୍କ ସହଯୋଗରେ ୩୨ ବର୍ଷ ହେବ ଏହି ପୂଜା ହୋଇଆସୁଛି।

### ହାଇକୋର୍ଟ ବେଞ୍ଚ ପାଇଁ ଏନ୍‌ଏଚ୍‌ଆର୍‌ସିଙ୍କ ନିର୍ଦ୍ଦେଶ

ଜୟପୁର,୧୦।୯(ଡି.ଏନ୍.ଏ.): ଅବିଭକ୍ତ କୋରାପୁଟ ଜିଲାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ସ୍ଥାପନା ନେଇ ରାଜ୍ୟ ସରକାର ଉଚିତ ପଦକ୍ଷେପ ନେଇ ନଥିବା ଯୋଗୁ ଜୟପୁରର ଆଇନଜୀବୀ ଅନୁପ ପାତ୍ର ମାନବାଧିକାର କମିଶନଙ୍କ ଦ୍ୱାରସ୍ଥ ହୋଇଥିଲେ। ମଙ୍ଗଳବାର ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ୮ ସପ୍ତାହ ଭିତରେ ଉଚିତ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ଜାତୀୟ ମାନବାଧିକାର କମିଶନ। ଅବିଭକ୍ତ କୋରାପୁଟ ଜିଲା ଏକ ଆଦିବାସୀ ଅନୁନ୍ନତ ଅଞ୍ଚଳ । ଏଠାରେ ଦାରିଦ୍ର୍ୟ ସୀମାରେଖା ତଳେ ଅଧିକାଂଶ ବାସିନ୍ଦା ରହୁଛନ୍ତି । ତେଣୁ କୋର୍ଟ ମାମଲାରେ ୫୦୦ କିଲୋମିଟରରୁ ଉର୍ଦ୍ଧ୍ୱ ଦୂରତାରେ ରହିଥିବା କଟକ ସ୍ଥିତ ହାଇକୋର୍ଟକୁ ଯିବା ପାଇଁ ଅସମର୍ଥ ହେଉଛନ୍ତି । ତେଣ ସ୍ଥାନୀୟ ବାସିନ୍ଦା ନ୍ୟାୟ ପାଇବାରୁ ବଞ୍ଚିତ ହେଉଛନ୍ତି ବୋଲି ପାତ୍ର ନିଜ ଅଭିଯୋଗରେ ଜଣାଇଥିଲେ।

### ମହରମ୍ ପାଇଁ ପଟୁଆର

ଜୟପୁର,୧୦।୯(ଡି.ଏନ୍.ଏ./ନି.ପ୍ର.): ଜୟପୁରରେ ମୁସଲମାନ ସଂପ୍ରଦାୟ ପକ୍ଷରୁ ମଙ୍ଗଳବାର ଧର୍ମରକ୍ଷା ପାଇଁ ବଳିଦାନର ପର୍ବ ମହରମ ପାଳିତ ହୋଇଛି। ସହରରେ ରହୁଥିବା ଉଭୟ ସୁନ୍ନି ଓ ସିହା ମୁସଲମାନ ମହାପୁରୁଷ ମହମ୍ମଦଙ୍କ ନାତି ହଜରତ ଇମାମ ହୁସେନଙ୍କ ସତ୍ୟ ଓ ଧର୍ମରକ୍ଷା ପାଇଁ ବଳିଦାନର ଦିବସ ମହରମକୁ ପୃଥକ୍ ଭାବେ ପାଳିଛନ୍ତି। ଏହି ଅବସରରେ ସ୍ଥାନୀୟ ହାଇଦ୍ରାବାଦ ଲେନରୁ ସିହା ସଂପ୍ରଦାୟ ପକ୍ଷରୁ ସନ୍ଧ୍ୟାରେ ପଟୁଆର ବାହାରି ମୁଖ୍ୟରାସ୍ତା ଦେଇ ଗୋବର୍ଦ୍ଧନମୁଣ୍ଡା ପୋଖରୀରେ ଶେଷ ହୋଇଥିଲା। ସେହିପରି ସୁନ୍ନି ସଂପ୍ରଦାୟ ପକ୍ଷରୁ ଧୋବାସାହି ଛକ ଆସ୍ଥାନ (ଅସ୍ଥାୟୀ ପୂଜାସ୍ଥଳ)ରୁ ବାଘଭଣ୍ଡାର ସାହି ସାଦିଖାନା ସ୍ଥିତ ଆସ୍ଥାନ ପର୍ଯ୍ୟନ୍ତ ପଟୁଆର ଯାଇଥିଲା।

# ଦିଲ୍ଲୀରେ ବନ୍ଧୁକ ଚଳାଇବେ ଜୟପୁର ଛାତ୍ରୀ

ଜୟପୁର,୧୦।୯(ଡି.ଏନ୍.ଏ./ନି.ପ୍ର.)

■ରାଜ୍ୟ ରାଜଧାନୀରେ ଚମକିଲେ ପ୍ରିୟା

■ଦେଶର ରାଜଧାନୀରେ ଖେଳିବାକୁ ମନୋନୀତ



ପ୍ରିୟା ବାଘ

ଉପାନ୍ତ ଜିଲା କୋରାପୁଟର ଜୟପୁର ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟର ଜଣେ ନବମ ଶ୍ରେଣୀ ଛାତ୍ରୀ ଦେଶର ରାଜଧାନୀରେ ବନ୍ଧୁକ ଚଳାଇବେ । ଆସନ୍ତା ୧୬ରୁ ୨୭ ତାରିଖ ପର୍ଯ୍ୟନ୍ତ ଦିଲ୍ଲୀଠାରେ ଅନୁଷ୍ଠିତ ହେବାକୁ ଥିବା ଏନ୍‌ସିସି ଛାତ୍ରୀଛାତ୍ରଙ୍କ ଜାତୀୟସ୍ତରୀୟ ବନ୍ଧୁକ ଚାଳନା ପ୍ରତିଯୋଗିତାରେ ଭାଗନେବା ପାଇଁ ମନୋନୀତ ହୋଇଛନ୍ତି ଏନ୍‌ସିସି କ୍ୟାଡେଟ୍ ଥିବା ଛାତ୍ରୀ ପ୍ରିୟା ବାଘ । ଉଲ୍ଲେଖଯୋଗ୍ୟ ଯେ ଗତ ଜୁଲାଇ ମାସରେ ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟର ଛାତ୍ରୀ ପ୍ରିୟାଙ୍କ ସମେତ ପିଙ୍କି ବାଘ, ଭୁବନେଶ୍ୱରୀ ବାରିକ, କୀର୍ତ୍ତି ନାୟକ ରାୟଗଡ଼ାଠାରେ ଅନୁଷ୍ଠିତ ଏନ୍‌ସିସି ବନ୍ଧୁକ ଚାଳନା ପ୍ରତିଯୋଗିତାରେ ଭାଗ ନେଇଥିଲେ। ସେଠାରେ ପ୍ରିୟା, ପିଙ୍କି ଏବଂ ଭୁବନେଶ୍ୱରୀ ଭଲ ପ୍ରଦର୍ଶନ କରି ଭୁବନେଶ୍ୱରଠାରେ ଗତ ଅଗଷ୍ଟ ୧୫ରେ ହୋଇଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେଇଥିଲେ। ରାଜ୍ୟ ରାଜଧାନୀରେ ଚମକିଥିବା ପ୍ରିୟା ବାଘ ଦେଶର ରାଜଧାନୀରେ ଜାତୀୟ ସ୍ତରୀୟ ପ୍ରତିଯୋଗିତା ଖେଳିବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏଭଳି ସଫଳତା ପରେ ବିଦ୍ୟାଳୟର ଏନ୍‌ସିସି ଶିକ୍ଷୟିତ୍ରୀ ଏନ୍.ବି. ଭାସ୍କରାମ୍ମା ଓ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ମଞ୍ଜୁବାଳା ମୁନି ପ୍ରିୟାଙ୍କୁ ଅଭିନନ୍ଦନ ଜଣାଇବା ସହ ଆଗାମୀ ଖେଳ ପାଇଁ ଶୁଭେଚ୍ଛା ଜଣାଇଛନ୍ତି।

# ଦିଲ୍ଲୀ ଏମ୍ସକୁ ମହିଳାଙ୍କ ମୃତଦେହ ଦାନ

ଜୟପୁର,୧୦।୯(ଡି.ଏନ୍.ଏ.)

■ଭେଷଜ ଗବେଷଣା ପାଇଁ କାମରେ ଲାଗିବ

■ଅନ୍ୟ ଜଣଙ୍କଠାରେ ପ୍ରତିରୋପଣ ହେଲା ମହିଳାଙ୍କ ଆଖି



କମଳା ମିଶ୍ର

ଜଣେ ବୟସ୍କ ମହିଳାଙ୍କ ମୃତ୍ୟୁ ପରେ ତାଙ୍କ ମୃତଦେହ ମହତ୍ ଉଦ୍ଦେଶ୍ୟରେ ଲାଗିଛି। ତାଙ୍କର ଆଖି ଅନ୍ୟ ଜଣଙ୍କଠାରେ ପ୍ରତିରୋପଣ କରାଯାଇଥିବା ବେଳେ ମୃତଦେହ ଭେଷଜ ଛାତ୍ରୀଛାତ୍ରଙ୍କ ଗବେଷଣା ପାଇଁ ଦାନ କରାଯାଇଛି। କୋରାପୁଟ ଜିଲା ଜୟପୁର ସହରର ଝିଅ ତଥା ଗଞ୍ଜାମ ଜିଲାର ବୋହୂ କମଳା ମିଶ୍ର (୬୩)ଙ୍କ ଗତ ୧ ତାରିଖରେ ଦିଲ୍ଲୀଠାରେ ମୃତ୍ୟୁ ହୋଇଥିଲା। ମୃତ୍ୟୁ ପରେ ତାଙ୍କ ଶରୀରକୁ ଡାକ୍ତରୀ ଛାତ୍ରୀଛାତ୍ରଙ୍କ ଲାବୋରାଟୋରୀ ପାଇଁ ଦେବା ଓ କିଛି ଅଙ୍ଗକୁ ଆବଶ୍ୟକ କରୁଥିବା ବ୍ୟକ୍ତିଙ୍କୁ ଦାନ କରିବାକୁ ସେ ବଞ୍ଚିଥିବା ବେଳେ ଇଚ୍ଛାବ୍ୟକ୍ତ କରିଥିଲେ। ସେହି ଅନୁଯାୟୀ ସ୍ୱାମୀ ନୀଳମାଧବ ମିଶ୍ର, ପୁଅ ଡାକ୍ତର ସିଦ୍ଧାର୍ଥ ଶେଖର ମିଶ୍ର କମଳାଙ୍କ ମୃତ୍ୟୁ ହେବାର ଏକ ଘଣ୍ଟା ମଧରେ ତାଙ୍କ ଶରୀରକୁ ଦିଲ୍ଲୀସ୍ଥିତ ଅଖିଳ ଭାରତ ଆୟୁର୍ବିଜ୍ଞାନ ସଂସ୍ଥା (ଏମ୍ସ)କୁ ଦାନ କରିଛନ୍ତି । ଏମ୍ସର ଚକ୍ଷୁ ବିଭାଗରେ କମଳାଙ୍କ ଆଖି ଜଣେ ବ୍ୟକ୍ତିଙ୍କଠାରେ ପ୍ରତିରୋପଣ କରାଯାଇଥିବା ଜୟପୁରରେ ରହୁଥିବା ତାଙ୍କ ଭାଇ ସୁଜିତ ନନ୍ଦ କହିଛନ୍ତି। କମଳା ସ୍ଥାନୀୟ ସାମନ୍ତରାୟ ସାହିର ସ୍ୱର୍ଗତ ବୈରାଗୀ ନନ୍ଦଙ୍କ କନ୍ୟା ଅଟନ୍ତି।

# ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଘେରିଲେ ୩ ଜିଲାର ଯନ୍ତ୍ରୀ



ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଭେଟିବାକୁ ଆସିଥିବା ବିଭିନ୍ନ ଅଞ୍ଚଳର ଏଇ ଏବଂ ଜେଇମାନେ ।

ଜୟପୁର,୧୦।୯(ଡି.ଏନ୍.ଏ./ନି.ପ୍ର.)

■ସାମୂହିକ ଛୁଟି ଧମକ ପରେ ମିଳିଲା ଦରମା

■ବିଦ୍ୟୁତ ଶୁଳ୍କ ଆଦାୟରେ ଟାର୍ଗେଟ୍ ପୂରଣ କରି ନଥିବାରୁ ବନ୍ଦ ରହିଥିଲା ୨୫ ଜଣଙ୍କ ଦରମା

ଜୟପୁର ସର୍କଲ ଅନ୍ତର୍ଗତ କୋରାପୁଟ, ନବରଙ୍ଗପୁର ଓ ମାଲାକାନଗିରି ଜିଲାର ୪ଟି ଡିଭିଜନର ୨୫ଜଣ ସହକାରୀ ଯନ୍ତ୍ରୀ (ଏଇ) ଏବଂ କନିଷ୍ଠ ଯନ୍ତ୍ରୀ (ଜେଇ)ଙ୍କ ମଙ୍ଗଳବାର ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଘେରିଛନ୍ତି। ବନ୍ଦ ରହିଥିବା ଅଗଷ୍ଟ ମାସର ଦରମା ତୁରନ୍ତ ନ ମିଳିଲେ ସମସ୍ତେ ଛୁଟିରେ ଯିବେ ବୋଲି ଚେତାବନୀ ଦେବା ପରେ ପଦକ୍ଷେପ ନିଆଯାଇଛି।

ସୂଚନା ଅନୁଯାୟୀ, ଗତ ଅଗଷ୍ଟରେ ବିଭାଗର ସମସ୍ତ ଉପରିସ୍ଥ ଓ ତଳିଆ କର୍ମଚାରୀ ଦରମା ପାଇଥିବା ବେଳେ କେବଳ ୨୫ ଜଣ ଏଇ ଓ ଜେଇଙ୍କ ଦରମା ବନ୍ଦ କରାଯାଇଥିଲା। ଖାଉଟିଙ୍କଠାରୁ ବିଦ୍ୟୁତ ଶୁଳ୍କ ଆଦାୟରେ ଦିଆଯାଉଥିବା ଟାର୍ଗେଟ୍ ପୂରଣ ନ ହେବାରୁ ଆକ୍ରୋଶମୂଳକ ଭାବେ ଦରମା ବନ୍ଦ କରାଯାଇଥିବା ଅଭିଯୋଗ ହୋଇଛି। ଉଲ୍ଲେଖଯୋଗ୍ୟ, ଜୟପୁର ସର୍କଲର ୪ଟି ଡିଭିଜନର ୩ଟି ଜିଲାରେ ୧୦ ଜଣ ଏଇ ଏବଂ ୪୨ ଜଣ ଜେଇ କାର୍ଯ୍ୟରତ ଅଛନ୍ତି। ଏନେଇ ଅଧୀକ୍ଷଣ ଯନ୍ତ୍ରୀ ମନ୍ମଥ ନାଥ ମିଶ୍ରଙ୍କୁ ଯୋଗାଯୋଗ କରିବାରୁ ସେ କହିଛନ୍ତି, ଦରମା ବନ୍ଦର କାରଣ ନେଇ ତାଙ୍କ ପାଖରେ କୌଣସି ସୂଚନା ନାହିଁ। ଏନେଇ ବ୍ରହ୍ମପୁର କେନ୍ଦ୍ରିୟ କାର୍ଯ୍ୟାଳୟକୁ ସେ ଅବଗତ କରିଛନ୍ତି।

### ଟ୍ରାନ୍ସଫର୍ମର ପୋଡ଼ିଯିବା ପରେ ଅସନ୍ତୋଷ

### କାନ ଦେଲେନାହିଁ କନିଷ୍ଠ ଯନ୍ତ୍ରୀ

### ଅସ୍ଥାୟୀ ବ୍ୟବସ୍ଥା କଲେ ଏସ୍‌ଡିଓ

ପଟ୍ଟାଙ୍ଗି,୧୦।୯(ଡି.ଏନ୍.ଏ.)

ପଟ୍ଟାଙ୍ଗି ଷ୍ଟେଟବ୍ୟାଙ୍କ ନିକଟରେ ରହିଥିବା ଟ୍ରାନ୍ସଫର୍ମର ପୋଡ଼ିଯିବା ପରେ ଅନ୍ଧାରରେ ଉପଭୋକ୍ତା। କିନ୍ତୁ ବିଦ୍ୟୁତ ବିଭାଗ କନିଷ୍ଠ ଯନ୍ତ୍ରୀ ଏଥିପ୍ରତି ସାମାନ୍ୟତମ ଧ୍ୟାନ ମଧ ଦେଉ ନ ଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଛି। ଉପରୋକ୍ତ ସ୍ଥାନରେ ୧୦୦ କେଭିର ଟ୍ରାନ୍ସଫର୍ମର ଲାଗିଥିବା ବେଳେ ତାହା ସୋମବାର ବିଳମ୍ବିତ ରାତିରେ ପୋଡ଼ିଯାଇଥିଲା। ମଙ୍ଗଳବାର ସକାଳୁ ଉପଭୋକ୍ତା ଅଭିଯୋଗ କରିବା ପାଇବା ପରେ ଲାଇନମ୍ୟାନଙ୍କ ସମେତ କେତେକ କର୍ମଚାରୀ ପୋଡ଼ିଯାଇଥିବା ଟ୍ରାନ୍ସଫର୍ମରକୁ ସଜାଡ଼ିବା ପାଇଁ ଉଦ୍ୟମ କରିଥିଲେ ମଧ ସୁଫଳ ମିଳି ନ ଥିଲା। ଶେଷରେ ସେମାନେ କନିଷ୍ଠ ଯନ୍ତ୍ରୀଙ୍କୁ ଜଣାଇବା ପରେ ମଧ ସେ ଆଦୌ ତତ୍ପରତା ଦେଖାଇ ନଥିଲେ। ଏନେଇ ଏସଡିଓ ବିଶ୍ୱକେଶନ ପ୍ରଧାନଙ୍କ ଦୃଷ୍ଟି ଆକର୍ଷଣ କରାଯିବା ପରେ ସେ ଦିନେ ଦୁଇଦିନ ପାଇଁ ଅନ୍ୟ କୌଣସି ଟ୍ରାନ୍ସଫର୍ମରରୁ ବିଦ୍ୟୁତ ସେବା ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ମଙ୍ଗଳବାର ସନ୍ଧ୍ୟାରେ ବିଦ୍ୟୁତ ସେବା ମିଳିଛି। ଏସ୍‌ଡିଓ ପ୍ରଧାନଙ୍କୁ ଯୋଗାଯୋଗ କରାଯିବାରୁ ସେ କହିଥିଲେ, କନିଷ୍ଠ ଯନ୍ତ୍ରୀଙ୍କ ଏହିପରି ବ୍ୟବହାର ପାଇଁ ସେ ଦୁଃଖିତ। ସ୍ଥାୟୀ ବିଦ୍ୟୁତ ସେବା ପାଇଁ ଦୁଇଦିନ ମଧ୍ୟରେ ବିଭାଗୀୟ ଉଚ୍ଚ ଅଧିକାରୀଙ୍କ ସହ ଆଲୋଚନା କରି ଏହାର ସମାଧାନ ପାଇଁ ସେ ପ୍ରତିଶ୍ରୁତି ଦେଇଛନ୍ତି।

# ୧୨୩ ଅଭିଯୋଗ ଶୁଣିଲେ ଜିଲାପାଳ

■ ଆବାସ ପାଇଁ ପହଞ୍ଚିଲା ୬୦ ଆବେଦନପତ୍ର

କୋରାପୁଟ/ନାରାୟଣପାଟଣା, ୧୦।୯(ସ୍ୱ.ପ୍ର./ଡି.ଏନ୍.ଏ.)

କୋରାପୁଟ ଜିଲା ନାରାୟଣପାଟଣା ବ୍ଲକରେ ମଙ୍ଗଳବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଛି। ମଧୁସୂଦନ ମିଶ୍ର କୋରାପୁଟ ଜିଲାର ନୂତନ ଜିଲାପାଳ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ନାରାୟଣପାଟଣାରେ ପ୍ରଥମଥର ପାଇଁ ସେ ଏହି ଅଭିଯୋଗ ଶୁଣାଣି କରିଛନ୍ତି। ଏଥିରେ ସେ ୧୨୩ଟି ଅଭିଯୋଗ ଶୁଣିଛନ୍ତି। ସ୍ଥାନୀୟ ନାରାୟଣପାଟଣା ବ୍ଲକ କାର୍ଯ୍ୟାଳୟରେ ଜିଲାପାଳ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କୋରାପୁଟ ଉପଜିଲାପାଳ ଲଳିତ କୁମାର କହଁରଙ୍କ ସମେତ ସମସ୍ତ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଏଥିରେ ଗ୍ରାମୀଣ ଆବାସ, ଗମନାଗମନ, ପାନୀୟ ଜଳ, ସ୍ୱାସ୍ଥ୍ୟ, ଶିକ୍ଷା, ଜଳସେଚନ, କ୍ଷୁଦ୍ର ଜଳସେଚନ ଭଳି ନାରାୟଣପାଟଣା ବ୍ଲକର ସମସ୍ତ ୯ଟି ପଞ୍ଚାୟତର ଲୋକଙ୍କ ବିଭିନ୍ନ ସମସ୍ୟା ସହ କିଛି ବ୍ୟକ୍ତିଗତ ଅଭିଯୋଗ ଶୁଣିଥିଲେ ଜିଲାପାଳ। ଏହି ଅବସରରେ ନାରାୟଣପାଟଣା ବିଡିଓଙ୍କ ପାଖରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ପାଇବା ପାଇଁ ୬୦ଟି ଦରଖାସ୍ତ ପହଞ୍ଚିଥିଲା।



ନାରାୟଣପାଟଣାରେ ଜିଲାପାଳ ମଧୁସୂଦନ ମିଶ୍ର ଅଭିଯୋଗ ଶୁଣୁଛନ୍ତି ।

■ ସଂଶୋଧିତ ମୋଟର ଯାନ ଆଇନ କୋହଳ ଦାବି

# ଏନ୍‌ଏଚ୍ ଅବରୋଧ, ୨୩ ଆନ୍ଦୋଳନକାରୀ ଗିରଫ

ଜୟପୁର,୧୦।୯(ନି.ପ୍ର./ଡି.ଏନ୍.ଏ.)




ରାଜପଥ ଅବରୋଧ କରି ପ୍ରତିବା ଜଣାଉଛନ୍ତି ମିଳିତ ମୋଟର କର୍ମଚାରୀ ସଂଘ ।

ସଂଶୋଧିତ ମୋଟର ଯାନ ଆଇନ କୋହଳ କରିବା ପାଇଁ ମିଳିତ ମୋଟର କର୍ମଚାରୀ ସଂଘ ମଙ୍ଗଳବାର ଜାତୀୟ ରାଜପଥ ଅବରୋଧ କରିଛି। ଜୟପୁର ଦେଇ ଯାଇଥିବା ୨୬ ନମ୍ବର ଜାତୀୟ ରାଜପଥର ମୁଖ୍ୟ ଟ୍ରାଫିକ ଛକ ନିକଟରେ ସଂଘର କର୍ମକର୍ତ୍ତା ଅବରୋଧ କରିବା ଦ୍ୱାରା ଶତାଧିକ ଯାନବାହାନ ଉଭୟ ପଟେ ଅଟକି ରହିଥିଲା। ବୁଝାଶୁଝା ପରେ ଆନ୍ଦୋଳନ ନ ହଟିବାରୁ ଏସ୍‌ଡିପିଓ ହରେକୃଷ୍ଣ ମାଝି, ଟାଉନ ଥାନା ଅଧିକାରୀ ବାଲେଶ୍ୱର ଗିଧି ବଳପୂର୍ବକ ଅବରୋଧ ହଟାଇ କେସ୍ ନଂ ୨୦୮/୧୯ରେ ମାମଲା ରୁଜୁକରି ୨୩ ଜଣଙ୍କୁ ଗିରଫ କରିଛନ୍ତି। ପରେ ସେମାନଙ୍କୁ ୪୧ ସିଆରପିସିରେ ନୋଟିସ ଦେଇ ଛାଡ଼ି ଦିଆଯାଇଛି।

ମୋଟର ଆଇନ ୨୦୧୯ ଲାଗୁ କରାଯିବା ଫଳରେ ମୋଟର କର୍ମଚାରୀ ଓ ମାଲିକଙ୍କ ଉପରେ ଏହାର ପ୍ରଭାବ ପଡ଼ିଛି। ଏତେ ପରିମାଣର ଜରିମାନା ଆଦାୟ ବନ୍ଦ କରିବା ପାଇଁ ଦାବି କରିଛି ସଂଘ। ସରକାର ନ ମାନିଲେ ଆଗକୁ ଆନ୍ଦୋଳନ ଜୋରଦାର ହେବ ବୋଲି ସଂଘର ଆବାହକ ଯୁଧିଷ୍ଠିର ରାଉଳ ଚେତାବନୀ ଦେଇଛନ୍ତି । ଏହା ସହ ଜାତୀୟ ରାଜପଥ ୨୬ର ତୁରନ୍ତ ନିର୍ମାଣ, ମୁଖ୍ୟରାସ୍ତାରେ ଗାଈଗୋରୁ ବୁଲିବାକୁ ରୋକିବା, ଜରିମାନା ପରିମାଣ କମ୍ କରି ତାକୁ ଲାଇସେନ୍ସ କିମ୍ବା ଇନ୍ସୁରାନ୍ସ ସୁବିଧା, ଅତର୍କିତ ଭାବେ ଆଇନ୍ ଲାଗୁକୁ ବନ୍ଦ କରିବା ପାଇଁ ସଂଘ ଦାବି ରଖିଛି।

### ଛାତ୍ରୀଛାତ୍ରଙ୍କୁ ପ୍ରତିଷେଧକ ଟିକା

କୋରାପୁଟ,୧୦।୯(ସ୍ୱ.ପ୍ର.):

କୋରାପୁଟ ମେଡିକାଲ କଲେଜ ପକ୍ଷରୁ ମଙ୍ଗଳବାର ଟିଟାନସ, ଧନୁଷ୍ଟଙ୍କାର ଓ କଣ୍ଠ ଆଳତି ରୋଗ ପାଇଁ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ପ୍ରତିଷେଧକ ଟିକା ଦିଆଯାଇଛି । କୋରାପୁଟ ବିବେକାନନ୍ଦ ବନଭାରତୀ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ଅତସି ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜର କର୍ମଚାରୀମାନେ ପଞ୍ଚମ ଶ୍ରେଣୀର ୫୪ ଜଣ ଓ ଦଶମ ଶ୍ରେଣୀର ୬୩ ଜଣ ଛାତ୍ରୀଛାତ୍ରଙ୍କୁ ଟିକା ଦେଇଥିଲେ।

# କୋର୍ଟରେ ଆତ୍ମସମର୍ପଣ କଲେ ଓକିଲ

ନବରଙ୍ଗପୁର,୧୦।୯(ବି.ପ୍ର.)

ନିଜ ସାନଭାଇଙ୍କୁ ମାଡ ଓ ସୁନାଚେନ ଟାଣି ନେବା ମାମଲାରେ ଜଣେ ଆଇନଜୀବୀ ସୋମବାର ନବରଙ୍ଗପୁର କୋର୍ଟରେ ଆତ୍ମସମର୍ପଣ କରିଛନ୍ତି। ଜାମିନ ନାମଞ୍ଜୁର ହେବାପରେ ତାଙ୍କୁ ଜେଲ୍‌କୁ ପଠାଇ ଦିଆଯାଇଛି। ତାଙ୍କ ନାଁରେ ଉପରୋକ୍ତ ମାମଲା ସମେତ ବିଭିନ୍ନ ଥାନାରେ ୪ଟି ମାମଲା ରହିଛି।

ପ୍ରକାଶ ଯେ, ରାଜୁସାହିସ୍ଥିତ ଭଣ୍ଡାର ଘରଣୀ ଗ୍ୟାସ ଏଜେନ୍ସିର ସୁଶାନ୍ତ ଶତପଥୀଙ୍କ ସହ ୨୦୧୯ ଜୁଲାଇ ୧୭ରେ ତାଙ୍କ ବଡ଼ଭାଇ ତଥା ଆଇନଜୀବୀ ଗୋପାଳ ଗଣ୍ଡଗୋଳ କରିବା ସହ ତାଙ୍କ ସୁନା ଚେନ୍ ଟାଣି ନେଇ ଯାଇଥିଲେ। ଏ ନେଇ ନବରଙ୍ଗପୁର ଥାନାରେ ୧୪୪/୧୯ରେ ଏକ ମାମଲା ରୁଜୁ ହୋଇଥିଲା। ସେହିଭଳି ରାଇଘର ବ୍ଲକ ହାଟବରଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମେଡିକାଲ ଅଫିସରଙ୍କ ନକଲି ଦସ୍ତଖତ କରି ଲକ୍ଷାଧିକ ଟଙ୍କା ହଡପ କରିଥିବା ନେଇ ରାଇଘର ଥାନାରେ ଗୋପାଳଙ୍କ ନାମରେ ୨୦୧୪ ଫେବୃୟାରୀ ୨୦ରେ କେସ୍ ନଂ ୩୭/୧୪ରେ ଏକ ମାମଲା ରୁଜୁ ହୋଇଛି। ସେହିଭଳି ଅନ୍ୟ ଜଣେ ଆଇନଜୀବୀଙ୍କୁ ଧମକପୂର୍ଣ୍ଣ ମେସେଜ ଦେଇଥିବା ନେଇ ନବରଙ୍ଗପୁର ଥାନାରେ ଗୋପାଳଙ୍କ ନାମରେ ୨୦୧୭ ଜୁନ ୧୫ରେ ୧୬୩/୧୭ରେ ଅନ୍ୟ ଏକ କେସ୍ ରୁଜୁ ହୋଇଥିଲା। ୨୦୧୬ ଅଗଷ୍ଟ ୭ ତାରିଖ ଗୋପାଳ ଏକ ଗଣ୍ଡଗୋଳ କରିଥିବା ନେଇ ନବରଙ୍ଗପୁର ଥାନାରେ କେସ୍ ନମ୍ବର ୨୬୬/୧୬ରେ ମାମଲା ରୁଜୁ ହୋଇଥିଲା। ବିଭିନ୍ନ କେସରେ ଛନ୍ଦି ହୋଇଥିବା ଗୋପାଳ ଶେଷରେ କୋର୍ଟରେ ଆତ୍ମସମର୍ପଣ କରିଥିବା ଏସ୍‌ଆଇ ଦେବଦତ୍ତ ମଲ୍ଲିକ କହିଛନ୍ତି।

# ନୂତନ ସଭ୍ୟ ସଂଗ୍ରହ ତାଲିମ




ସଭ୍ୟ ସଂଗ୍ରହ ତାଲିମ ଶିବିରରେ ଉପସ୍ଥିତ ବିଜେଡି ନେତୃବୃନ୍ଦ ।

ସେମିଳିଗୁଡ଼ା,୧୦।୯(ସ୍ୱ.ପ୍ର.)

ସେମିଳିଗୁଡ଼ା ଦକ୍ଷତା ତାଲିମ କେନ୍ଦ୍ରରେ ପଟ୍ଟାଙ୍ଗୀ ନିର୍ବାଚନ ମଣ୍ଡଳୀର ନୂତନ ସଭ୍ୟ ତାଲିମ ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ଅତିଥି ଭାବେ ଚନ୍ଦ୍ରସାରଥୀ ବେହେରା, ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ, ପଟ୍ଟାଙ୍ଗୀ ବିଧାୟକ ପ୍ରୀତମ ପାଢ଼ୀ, ପୂର୍ବତନ ବିଧାୟକ ପ୍ରଫୁଲ୍ଲ ପାଙ୍ଗି ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ପଟ୍ଟାଙ୍ଗି, ସେମିଳିଗୁଡ଼ା ଓ ନନ୍ଦପୁର ଅଧୀନ ୭୨ଟି ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ୱାର୍ଡ଼ ମେମ୍ବର, ଜିଲା ପରିଷଦ ସଦସ୍ୟମାନେ ଯୋଗ ଦେଇଥିଲେ। ସଭ୍ୟ ସଂଗ୍ରହ ପାଇଁ ଏକ ପୁସ୍ତକ ଉନ୍ମୋଚିତ ହେବା ସହ ପଞ୍ଚାୟତ ଓ ୱାର୍ଡ଼ସ୍ତରରେ ବିଜେଡିକୁ ମଜଭୁତ କରିବା ପାଇଁ ଆଲୋଚନା ହୋଇଥିଲା।

# କୋରାପୁଟ କଫିକୁ ବ୍ରାଣ୍ଡିଂ କରିବ ପ୍ରୋସେସିଂ ୟୁନିଟ୍

କୋରାପୁଟ,୧୦।୯(ସ୍ୱ.ପ୍ର.)

କୋରାପୁଟରେ ବୁଧବାର କଫି ପ୍ରକ୍ରିୟାକରଣ କେନ୍ଦ୍ର ଉଦ୍‌ଘାଟିତ ହେବ। ଏଥିପାଇଁ କୋରାପୁଟ ଆଇଟିଡିଏ ପକ୍ଷରୁ ସମସ୍ତ ପ୍ରସ୍ତୁତି ସରିଥିବା ସହକାରୀ କଫି ଉପନିର୍ଦ୍ଦେଶକ ଡ. ଦୟାନିଧି ବାଘ କହିଛନ୍ତି। ପ୍ରାୟ ୫୦ ଲକ୍ଷ ଟଙ୍କା ବ୍ୟୟରେ ସ୍ଥାନୀୟ ଚନ୍ଦନ ପୋଖରୀ ନିକଟସ୍ଥ ଆଦିବାସୀ ଉନ୍ନୟନ ନିଗମ କେନ୍ଦ୍ରରେ ଏହି ୟୁନିଟ୍ ଖୋଲାଯାଇଛି। ଏଥିରେ ଲଗାଯାଇଥିବା ଉନ୍ନତମାନର ମେଶିନ ଯୋଗେ କଫି ମଞ୍ଜି ଭଜାଯିବା ଓ ଗୁଣ୍ଡ କରିବାଠାରୁ ଆରମ୍ଭ କରି ବିଭିନ୍ନ ସ୍ୱାଦର କଫିପାନୀୟ ପ୍ରସ୍ତୁତ କରିବା ପର୍ଯ୍ୟନ୍ତ ସମସ୍ତ ପ୍ରକ୍ରିୟା ରହିଛି।



କଫି ପ୍ରୋସେସିଂ ୟୁନିଟ୍‌କୁ ଉଦ୍‌ଘାଟନ ପୂର୍ବରୁ ତଦାରଖ କରୁଛନ୍ତି ପ୍ରଶାସନିକ ଅଧିକାରୀ ।

ଓଡ଼ିଶାରେ ପ୍ରଥମଥର ପାଇଁ ଏଭଳି ୟୁନିଟ୍‌ର ସଫଳ ପରୀକ୍ଷଣ ପରେ କୋରାପୁଟ କଫିର ବ୍ରାଣ୍ଡିଙ୍ଗ କରିବା ଦିଗରେ ଏହା ସହାୟକ ହେବ ବୋଲି ଅତିରିକ୍ତ ଜିଲାପାଳ କହିଛନ୍ତି। ଏନେଇ ପୂର୍ବତନ ମନ୍ତ୍ରୀ ତଥା ଜିଲା ପର୍ଯ୍ୟବେକ୍ଷକ

**ଆଜି ଉଦ୍‌ଘାଟନ**

ଚନ୍ଦ୍ରସାରଥୀ ବେହେରା, ବିହନ ନିଗମ ଅଧ୍ୟକ୍ଷ ଈଶ୍ୱର ପାଣିଗ୍ରାହୀ, କୋରାପୁଟ ଆଇଟିଡିଏ ପିଏ କାରୁ ସୋରେନ ଏହି ପ୍ରକ୍ରିୟାକରଣ କେନ୍ଦ୍ର ପରିଦର୍ଶନ କରିବା ସହ ଏହି ୟୁନିଟର କାର୍ଯ୍ୟ ସମ୍ପର୍କରେ ଉପସ୍ଥିତ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। କୋରାପୁଟ କଫି ଉନ୍ନୟନ ପରିଷଦ, କଫି ବୋର୍ଡ ଓ ଟିଡିସିସି ମିଳିତ ଆନୁକୂଲ୍ୟରେ ମଙ୍ଗଳବାର ଏହି କଫି ପ୍ରୋସେସିଂ ୟୁନିଟ୍‌ର ସଫଳ ପରୀକ୍ଷଣ ହୋଇଛି। ଏହି ସମୟରେ ଅତିରିକ୍ତ ଜିଲାପାଳ ଦେବେନ ପ୍ରଧାନ, କଫି ବୋର୍ଡର ବରିଷ୍ଠ ଲୋକ ସମ୍ପର୍କ ଅଧିକାରୀ ଆଶିଷ ରାଉତ ଉପସ୍ଥିତ ଥିଲେ।

## ସଂକ୍ଷେପରେ



### ପଞ୍ଚାୟତସ୍ତରୀୟ ୫-ଟି କାର୍ଯ୍ୟକ୍ରମ

ଦୁର୍ଗୀ/କାଶୀପୁର,୧୦।୯: ବିଷମକଟକ ବ୍ଲକ ଦୁର୍ଗୀ ରାଜୀବ ଗାନ୍ଧୀ କେନ୍ଦ୍ର ସେବା କେନ୍ଦ୍ରରେ ପଞ୍ଚାୟତସ୍ତରୀୟ ୫-ଟି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏନେଇ ସଚେତନା କରାଯିବା ସହ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଥିଲା। ଏହି ଶୁଣାଣିରେ ୩୭୦ ଜଣ ଅଭିଯୋଗ କରିଥିଲେ । ଏଥିରେ ମୁଖ୍ୟ କାର୍ଯ୍ୟକାରୀ ଅଧିକାରୀ ବିଡ଼ିଓ ଆଲୋବର୍ଟ ଲାକ୍ରା, ବିଇଓ ଜୟଚନ୍ଦ୍ର ପାଠୀଙ୍କ ସମେତ ସିଡିପିଓ, ଅନ୍ୟଅଧିକାରୀମାନେ ଯୋଗ ଦେଇଥିଲେ। ୫ଟିର ଲୋଗୋକୁ ଅତିଥିମାନେ ଉନ୍ମୋଚନ କରିଥିଲେ । ସେହିପରି କାଶୀପୁର ଓ ଖୁରି ଗାଁ ପଞ୍ଚାୟତସ୍ତରୀୟ ୫ଟି କାର୍ଯ୍ୟକ୍ରମ ଆୟୋଜିତ ହୋଇଛି । ଏହି କାର୍ଯ୍ୟକ୍ରମ ରେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବଳରାମ ପାତ୍ର ସ୍ୱାଗତ ଭାଷଣ ଦେଇଥିଲେ । ପରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବେଦବର ପ୍ରଧାନ ୫-ଟି ସମ୍ପର୍କରେ ଲୋକଙ୍କୁ ସଚେତନ କରାଇଥିଲେ । ଅଭିଯୋଗ ଶୁଣାଣିରେ ମୋଟ ୬୨ ଟି ଅଭିଯୋଗର ଶୁଣାଣି ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ କାଶୀପୁର ତହସିଲଦାର ସୌଭାଗ୍ୟ ବେହେରା , ବ୍ଲକ ଅଧକ୍ଷା ରୁଆଇ ମାଝି, ସରପଞ୍ଚ ବିମଳା ମାଝି ,ସୁଖଦେଇ ମାଝି ପ୍ରମୁଖ ଉପସ୍ଥିତ ଥିଲେ ।

### ହାବିଲଦାର,କନଷ୍ଟେବଲ ସଂଘର କର୍ମକର୍ତ୍ତା ନିର୍ବାଚନ

ରାୟଗଡ଼ା ଅଫିସ,୧୦।୯: ଓଡ଼ିଶା ହାବିଲଦାର ଓ କନଷ୍ଟେବଲ ସଂଘ ରାୟଗଡ଼ା ଶାଖାର କର୍ମକର୍ତ୍ତା ନିର୍ବାଚନ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ହରେକୃଷ୍ଣ ମିଶ୍ର ସଭାପତି, ଚିତ୍ତରଞ୍ଜନ ରଥ ଉପସଭାପତି, ନାଇକା ଜାକକା ସାଧାରଣ ସମ୍ପାଦକ, ବେଲାଳସେନ ହାଲବା ଓ ଦେବୀ ପ୍ରସାଦ ପଣ୍ଡା ଯୁଗ୍ମ ସମ୍ପାଦକ, ଏଲ.ରବୀନ୍ଦ୍ର କୁମାର ମୂର୍ତ୍ତି କୋଷାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି । ସେହିପରି କାର୍ଯ୍ୟକାରିଣୀ ସଭ୍ୟ ଶାନ୍ତିଲତା ପରିଡ଼ା, ପ୍ରିୟଦର୍ଶୀ ଗମାଙ୍ଗ, ଏସ.ବେଣୁଗୋପାଳ ରାଓ, ସଞ୍ଜୟ ଗମାଙ୍ଗ, ସମ୍ବିତ ଦାସ ମନୋନୀତ ହୋଇଛନ୍ତି । ନିର୍ବାଚିତ ସଦସ୍ୟମାନେ ସଂଘର ଉନ୍ନତି ଲାଗି କାର୍ଯ୍ୟ କରିବେ ବୋଲି କହିଛନ୍ତି ।

### ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧନା



ପଦ୍ମପୁର, ୧୦।୯ (ଡି.ଏନ୍.ଏ.): ଶିଶୁଙ୍କୁ ସମାଜରେ ପ୍ରତିଷ୍ଠିତ କରାଇ ଗଢ଼ିବାକୁ ହେଲେ ଶିକ୍ଷାନୁଷ୍ଠାନ ଏକ ସାଧନାସ୍ଥଳୀ ହେବା ଆବଶ୍ୟକ । ପଦ୍ମପୁରର ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ପଙ୍କଜମାଳା ପଣ୍ଡା ତାଙ୍କ ଶିକ୍ଷକତା ଜୀବନରୁ ଅବସର ନେବା ଅବସରରେ ଏହା ମତବ୍ୟକ୍ତ କରିଛନ୍ତି। ରାୟଗଡ଼ା ଜିଲା ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଶିକ୍ଷୟିତ୍ରୀ ପଣ୍ଡାଙ୍କୁ ମାନପତ୍ର ସହ ଉପଢୌକନ ଦେଇ ସମ୍ମାନିତ କରାଯାଇଛି । ଜିଲାସ୍ତରୀୟ ଉତ୍ସବରେ କୌଣସି କାରଣରୁ ସେ ପହଞ୍ଚି ନ ପାରିବାରୁ ଜିଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହା ଓ ଜିଲା ସଭାପତି ଅନନ୍ତ ରଥଙ୍କ ପ୍ରଦତ୍ତ ମାନପତ୍ର ଓ ଉପଢୌକନକୁ ସଂଘ ସାଧାରଣ ସମ୍ପାଦକ ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ, ଗଙ୍ଗାଧର ପଣ୍ଡାଙ୍କ ସହ କିଛି ଶିକ୍ଷକ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ପଣ୍ଡାଙ୍କ ନୂଆସାହିସ୍ଥିତ ବାସଭବନରେ ପ୍ରଦାନ କରିଥିଲେ। ସେ ପଦ୍ମପୁର ବ୍ଲକର ଉପରସାହି ଜୁମୁରୁଗୁଡା ପ୍ରାଥମିକ ବିଦ୍ୟାଳୟରୁ ଅବସର ନେଇଛନ୍ତି।

### ଗୁଣପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଶିଶୁରୋଗ ବିଶେଷଜ୍ଞ ନିଯୁକ୍ତ

ଗୁଣପୁର,୧୦।୯(ଡି.ଏନ.ଏ): ରାୟଗଡା ଜିଲା ଗୁଣପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ଶିଶୁରୋଗ ବିଶେଷଜ୍ଞ ଡାକ୍ତର ନିଯୁକ୍ତି ପାଇଛନ୍ତି । ଡ. କୌଶିକ ପରାଶର ପାତ୍ରଙ୍କୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିଯୁକ୍ତି ଦିଆଯାଇଛି । ସେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ବିନାଞ୍ଜାରପୁର ଠାରେ କାର୍ଯ୍ୟରତ ଥିଲେ । ତାଙ୍କୁ ଗୁଣପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ବଦଳି କରାଯାଇଛି । ସୂଚନାଯୋଗ୍ୟ, ଗୁଣପୁରଠାରେ ଦୀର୍ଘ ଦୁଇ ବର୍ଷରୁ ଊର୍ଦ୍ଧ୍ୱ ହେବ ଶିଶୁ ରୋଗ ବିଶେଷଜ୍ଞ ପଦବୀ ଖାଲି ଥିଲା । ଫଳରେ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ। ପାରଳାଖେମୁଣ୍ଡି, ରାୟଗଡା ଆନ୍ଧ୍ରର ବିଶାଖାପାଟଣା ଯାଇ ଶିଶୁରୋଗୀମାନଙ୍କୁ ଚିକିତ୍ସା ହେବାକୁ ପଡୁଥିଲା ।

# ହଷ୍ଟେଲ ଛାଡ଼ିଲେ ୩୬ ଛାତ୍ର

## ପ୍ରଶାସନର ଦ୍ୱାରସ୍ଥ ହେଲେ

ରାୟଗଡ଼ା ଅଫିସ,୧୦।୯

ରାୟଗଡା ବ୍ଲକ ବିଲେଶୁ ଉଚ୍ଚ ବିଦ୍ୟାଳୟ ୯ମ ଶ୍ରେଣୀର ୩୬ ଜଣ ଛାତ୍ର ମଙ୍ଗଳବାର ହଷ୍ଟେଲ ଛାଡିଛନ୍ତି । ବିଦ୍ୟାଳୟ ଓ ହଷ୍ଟେଲରେ ଲାଗି ରହିଥିବା ସମସ୍ୟା ନେଇ ସେମାନେ ହଷ୍ଟେଲ ଛାଡିଥିବା ଜଣାପଡିଛି । ହଷ୍ଟେଲରୁ ଲୁଚି ଛାତ୍ରମାନେ ଚାଲି ଚାଲି ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ । ଜିଲାପାଳଙ୍କୁ ଭେଟି ସମସ୍ୟା ନ ଜଣାଇବା ପର୍ଯ୍ୟନ୍ତ କୁଆଡେ ଯିବେ ନାହିଁ ବୋଲି ଅଡ଼ି ବସିଥିଲେ । ଖବରପାଇ ଜିଲା ମଙ୍ଗଳ ଅଧିକାରୀ ନନ୍ଦଲାଲ ବିଶ୍ୱାଳ, ଆଇଟିଡିଏର ପ୍ରକଳ୍ପ ପ୍ରଶାସକ ଟୁକୁ ବାରିକ ଆସି ଛାତ୍ରମାନଙ୍କୁ ବୁଝାଶୁଝା କରିଥିଲେ। ବିଦ୍ୟାଳୟ ଓ ହଷ୍ଟେଲରେ ଥିବା ଶୌଚାଳୟ ଭାଙ୍ଗିରୁଜି ଗଲାଣି ,ତାହାକୁ ମରାମତି କରାଯାଉ ନାହିଁ । ବାରମ୍ବାର ଏ ନେଇ ପ୍ରଧାନଶିକ୍ଷକଙ୍କୁ ଜଣାଇଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ଛାତ୍ରମାନେ ଅଭିଯୋଗ କରିଥିଲେ । ବିଦ୍ୟାଳୟରେ ଶିକ୍ଷକ ଅଭାବ ଯୋଗୁ ପାଠପଢାରେ ବ୍ୟାଘାତ ସୃଷ୍ଟି ହେଉଛି । ଏମିତି କି କମ୍ପ୍ୟୁଟର ବିଦ୍ୟାଳୟରେ ଥାଇ ମଧ୍ୟ କମ୍ପ୍ୟୁଟର ଶିକ୍ଷା ଆମମାନଙ୍କ ପାଇଁ ସ୍ୱପ୍ନ ପାଲଟିଥିବା ସେମାନେ କହିଥିଲେ । କମ୍ପ୍ୟୁଟର ଶିକ୍ଷକଙ୍କୁ ବଦଳି କରିବାକୁ ଦାବି କରିଥିଲେ । ସମସ୍ୟା ଶୁଣିବା ପରେ ୨ ଦିନ ମଧ୍ୟରେ ଏହାର ସମାଧାନ କରାଯିବ ବୋଲି ଜିଲା ମଙ୍ଗଳ ଅଧିକାରୀ ଓ ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଅଟୋ ଓ ଗାଡିରେ ସମସ୍ତ ଛାତ୍ରଙ୍କୁ ବିଦ୍ୟାଳୟରେ ଛାଡ଼ିଥିଲେ ।



ଛାତ୍ରମାନଙ୍କ ସହ ଜିଲା ମଙ୍ଗଳ ଅଧିକାରୀ ନନ୍ଦଲାଲ ବିଶ୍ୱାଳ ଆଲୋଚନା କରୁଛନ୍ତି ।

## ■୧୧୭ ଅଭିଯୋଗ ଶୁଣିଲେ ଜିଲାପାଳ

# ଫେରିବା ବାଟରେ ଅଟକାଇଲେ ହନୁମନ୍ତପୁରବାସୀ

ଚନ୍ଦ୍ରପୁର,୧୦।୯(ଡି.ଏନ.ଏ)

ଚନ୍ଦ୍ରପୁର ବ୍ଲକ ଚନ୍ଦ୍ରପୁର ପଞ୍ଚାୟତ ଅଭିଯୋଗ ପ୍ରକୋଷ୍ଠରେ ମଙ୍ଗଳବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଜିଲାପାଳ ପ୍ରମୋଦ କୁମାର ବେହେରା ମୁଖ୍ୟଅତିଥି ଭାବେ ଯୋଗ ଦେଇ ୧୧୭ଟି ଅଭିଯୋଗ ଶୁଣିଥିଲେ । ଏଥିରେ ବିଜାପୁର, ଚନ୍ଦ୍ରପୁର, ହନୁମନ୍ତପୁର, ଡାଙ୍ଗସୋରଡା, ପିସ୍କାପଙ୍ଗା ପ୍ରଭୃତି ପଞ୍ଚାୟତରୁ ଲୋକେ ଆସି ଅଭିଯୋଗ କରିଥିଲେ । ସଦର ମହକୁମାରେ ଥିବା ଓଡିଶା ଆଦର୍ଶ ବିଦ୍ୟାଳୟରେ ଶିକ୍ଷକ ଅଭାବ, ଛାତ୍ରୀଛାତ୍ରମାନଙ୍କ ଛାତ୍ରାବାସ ନିର୍ମାଣରେ ବିଳମ୍ବ ନେଇ ବହୁ ଅଭିଭାବକ ଅଭିଯୋଗ କରିଥିଲେ । ଏଥିସହ ମାସର ୧୫/୨୦ ଦିନ ଧରି ବିଦ୍ୟୁତ୍ ବିଭ୍ରାଟ ଯୋଗୁ ଜନସାଧାରଣ ନାହିଁ ନ ଥିବା ହଇରାଣ ହେଉଥିବା ସମ୍ପର୍କରେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ରାୟଗଡା ଜିଲା ଆରକ୍ଷୀ ଅଧୀକ୍ଷକ ଶ୍ରବଣ ବିବେକ ଏମ., ପିଏଆଇଟିଡିଏ ଗୋରାଚାନ୍ଦ ଗମାଙ୍ଗ, ବନବିଭାଗର ଏସିଏଫ ନିତ୍ୟାନନ୍ଦ ନାୟକ, ଉପଖଣ୍ଡ ଲୋକସମ୍ପର୍କ ଅଧିକାରୀ ରଶ୍ମିରାଣୀ ନିମାକା, ବ୍ଲକ ଅଧକ୍ଷା ସଙ୍ଗୀତା ପ୍ରତିଙ୍ଗା, ଭାରପ୍ରାପ୍ତ ବିଡିଓ ନୃସିଂହ ଚରଣ ସେଠୀ, ଜିଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହା, କନିଷ୍ଠ ଯନ୍ତ୍ରୀ ଆଲୋକ କୁମାର ଦାସ, ଏପିଓ ବିନୟ କୁମାର ପାଣି, ଜିଲା କୃଷି ଅଧିକାରୀ ରିଲିଜିଏସ ବେକଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ଅଭିଯୋଗ ଶୁଣାଣି ସାରି ଜିଲାପାଳ ଫେରିବା ସମୟରେ ହନୁମନ୍ତପୁର ପଞ୍ଚାୟତ ସଦର ମହକୁମାରେ ଗ୍ରାମବାସୀ ତାଙ୍କୁ ଅଟକାଇଥିଲେ । ଦୀର୍ଘଦିନ ହେଲାଣି ଲୋକେ ପିଇବା ପାଣି ପାଇଁ ଅସୁବିଧା ଭୋଗୁଛନ୍ତି । ଏଥିସହ ବିଦ୍ୟୁତ୍ ସେବା ନ ମିଳିବା ଯୋଗୁ ଅନ୍ଧାରରେ ରହୁଛୁ ବୋଲି ଅଭିଯୋଗ କରିଥିଲେ । ତୁରନ୍ତ ଏହାର ସମାଧାନ କରିବା ପାଇଁ ଅଧଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଜିଲାପାଳଙ୍କୁ ଅଟକ ରଖିଥିଲେ । ଗ୍ରାମ୍ୟ ଜଳଯୋଗାଣ ଅଧିକାରୀଙ୍କୁ ପଠାଇ ସମସ୍ତ ବ୍ୟବସ୍ଥା କରିବା ସହ ଗ୍ରାମକୁ ବିଦ୍ୟୁତ୍ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଗ୍ରାମବାସୀ ଜିଲାପାଳଙ୍କୁ ଛାଡ଼ିଥିଲେ ।



ଚନ୍ଦ୍ରପୁରରେ ଆୟୋଜିତ ଅଭିଯୋଗ ଶୁଣାଣିରେ ଜିଲାପାଳଙ୍କ ସହ ଅନ୍ୟ ଅଧିକାରୀମାନେ।

## ■ଗାଁକୁ ନାହିଁ ରାସ୍ତା

# ଭାରରେ ବୁହାହେଲେ ରୋଗୀ

କାଶୀପୁର,୧୦।୯(ଡି.ଏନ୍.ଏ.)

ଗାଁକୁ ଭଲ ରାସ୍ତା ଖଣ୍ଡିଏ ନ ଥିବାରୁ ଭାର ସାହାଯ୍ୟରେ ଜଣେ ଗୁରୁତର ରୋଗୀଙ୍କୁ ୭ କିମି ବୋହି ଅଣାଯାଇଛି । ପରେ ତାଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି । ଏପରି ଦେଖିବାକୁ ମିଳିଛି ରାୟଗଡ଼ା ଜିଲା କାଶୀପୁର ବ୍ଲକ ଜଲାକୁଣ୍ଡ ଗ୍ରାମରେ ।

ଜଲାକୁଣ୍ଡ ଗ୍ରାମର ଆପି ମାଝିଙ୍କ ସ୍ତ୍ରୀ ତିଲାଇ ମାଝି (୨୯) କିଛି ଦିନ ତଳେ କୌଣସି କାମରେ ରାୟଗଡ଼ା ଯାଉଥିବା ବେଳେ ଦୁର୍ଘଟଣାର ଶିକାର ହୋଇଥିଲେ । ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ସେଠାରେ ଚିକିତ୍ସିତ ହେବା ପରେ ଗାଁକୁ ଫେରି ଆସିଥିଲେ । ହେଲେ ମଙ୍ଗଳବାର ତିଲାଇଙ୍କ ଅବସ୍ଥା ଗୁରୁତର ହୋଇପଡ଼ିଥିଲା । ଗାଁକୁ ଭଲ ରାସ୍ତା ନ ଥିବାରୁ ଆମ୍ବୁଲାନ୍ସ କିମ୍ବା କୌଣସି ଗାଡ଼ି ଯାଇପାରିବ ନାହିଁ । ତେଣୁ ବାଧ୍ୟ ହୋଇ ତିଲାଇଙ୍କ ଭାଇ ପୂର୍ଣ୍ଣ ଚନ୍ଦ୍ର ମାଝି ଓ ଦିଅର ବିନୋଦ ମାଝି କାନ୍ଧରେ ବୋହି ୭ କି.ମି. ଆଣିଥିଲେ । ବର୍ତ୍ତମାନ ତାଙ୍କ ଅବସ୍ଥା ଭଲ ଅଛି । ପ୍ରକାଶ ଥାଉ କି, ଗତ ଅଗଷ୍ଟ ୨ ତାରିଖରେ ଉକ୍ତ ପଞ୍ଚାୟତର ବଡ଼ ମାଟ୍ଟୁ ଗାଁର ଜଣେ ଗର୍ଭବତୀଙ୍କୁ ବୋହି ବୋହି ନେବା ସମୟରେ ସେ ମୃତ୍ୟୁବରଣ କରିଥିଲେ । ଗାଁକୁ ରାସ୍ତା ନ ଥିବାରୁ ଏଭଳି ସମସ୍ୟା ଉପୁଜୁଛି । ଏଥିପ୍ରତି ସ୍ୱାସ୍ଥ୍ୟ ବିଭାଗ ଏବଂ ସରକାର ଦୃଷ୍ଟି ଦେବା ଲାଗି ଗୋଡ଼ିବାଲି ସରପଞ୍ଚ ଲକ୍ଷ୍ମୀକାନ୍ତ ମାଝି ଦାବି କରିଛନ୍ତି ।



ଭାର ସାହାଯ୍ୟରେ ରୋଗୀଙ୍କୁ ବୋହି ନିଆଯାଉଛି ।

# ୫-ଟି କାର୍ଯ୍ୟକ୍ରମ ଉଦ୍‌ଘାଟନ କଲେ ଜିଲାପାଳ

ମୁନିଗୁଡ଼ା,୧୦।୯(ଡି.ଏନ.ଏ)

ରାୟଗଡ଼ା ଜିଲାରେ ପ୍ରଥମ ଥର ପାଇଁ ମୁନିଗୁଡ଼ା ବ୍ଲକ ତେଲେଙ୍ଗାପଦର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ୫-ଟି କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଜିଲାପାଳ ପ୍ରମୋଦ କୁମାର ବେହେରା ମୁଖ୍ୟଅତିଥି ଭାବେ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ପଞ୍ଚାୟତବାସୀଙ୍କୁ ଜିଲାପାଳ ୫-ଟିର ମୁଖ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ବିସ୍ତୃତ ଭାବେ ବୁଝାଇଥିଲେ। ପରେ ଏକ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଥିଲା । ଜିଲାପାଳ ପଞ୍ଚାୟତବାସୀଙ୍କ ମୋଟ ୬୩ଟି ଅଭିଯୋଗ ଶୁଣିଥିଲେ । ସେଥିମଧ୍ୟରୁ ୫୩ଟି ବ୍ୟକ୍ତିଗତ ଓ ୧୦ଟି ସାମୂହିକ ଅଭିଯୋଗ ଥିଲା । ଏହି ଅବସରରେ ଦୁଇ ଜଣକୁ ୧୫ ହଜାର ଟଙ୍କା ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଥିଲା । ଏଥିରେ ତହସିଲଦାର ଦେବାଶିଷ ଗୌଡ଼, ବ୍ଲକ ଆକାଉଣ୍ଟ ଅଫିସର ବିଜୟ କୁମାର ବେବର୍ତ୍ତା, ବ୍ଲକ ପ୍ରୋଗ୍ରାମ ଅଫିସର ମାନସୀ ପାତ୍ର, ବ୍ଲକ ସାମାଜିକ ଅଧିକାରୀ ରଞ୍ଜିତା ବେହେରାଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ତେଲେଙ୍ଗାପଦର ଭିଏଲଡବ୍ଲ୍ୟୁ ପ୍ରଭାକର ନାଲା, ଜିଆଏସ ପ୍ରଶାନ୍ତ ସାହୁ, ବ୍ଲକ କନିଷ୍ଠଯନ୍ତ୍ରୀ ଜୟପ୍ରକାଶ ନାରାୟଣ ଭଞ୍ଜରାୟ, ନିରଞ୍ଜନ ବେହେରା, ବିବି କିଷାନ, ଏସ.କେ ପାତ୍ର ପ୍ରମୁଖ ପରିଚାଳନା ଓ ସହଯୋଗ କରିଥିଲେ ।

# ଗଣେଶ ମନ୍ଦିରରେ ନବରାତ୍ର ପୂଜା ସମ୍ପନ୍ନ

ଗୁଣପୁର,୧୦।୯(ଡି.ଏନ.ଏ)

ରାୟଗଡା ଜିଲା ଗୁଣପୁର କଲେଜ ନିକଟରେ ଥିବ ସିଦ୍ଧ ବିନାୟକ ମନ୍ଦିରରେ ନବରାତ୍ର ପୂଜା ମଙ୍ଗଳବାର ସମ୍ପନ୍ନ ହୋଇଯାଇଛି । ଏହି ଅବସରରେ ଚଳନ୍ତି ଗଣେଶ ପ୍ରତିମାଙ୍କୁ ପୂଜା ମଣ୍ଡପରେ ସ୍ଥାପନ କରାଯାଇ ପୂଜାର୍ଚ୍ଚନା, ପୂର୍ଣ୍ଣାହୁତି ହୋମ ଆଦି କାର୍ଯ୍ୟକ୍ରମ କରାଯାଇଥିଲା। ପୂଜକ ନବୀନ ରଥ, ସୂର୍ଯ୍ୟନାରାୟଣ ରଥ,ପ୍ରକାଶ ରଥ ପ୍ରମୁଖ ଉପସ୍ଥିତ ରହି ପୂଜା କାର୍ଯ୍ୟ ସମ୍ପାଦନା କରିଥିଲେ । ମନ୍ଦିରର ପୂଜକ ଶିବରାମ ରଥ କର୍ତ୍ତା ଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ । ଏଥିଲାଗି ନାମସଂକୀର୍ତ୍ତନ କରାଯାଇଥିଲା। ଏଥିରେ ବହୁସଂଖ୍ୟାରେ ଭକ୍ତଙ୍କ ସମାଗମ ହୋଇଥିଲା । ନବ ଦିନ ବ୍ୟାପୀ ମନ୍ଦିରରେ ସ୍ୱତନ୍ତ୍ର ପୂଜା ଅନୁଷ୍ଠିତ ହୋଇଥିଲା ।



ଗୁଣପୁର ସିଦ୍ଧ ବିନାୟକ ମନ୍ଦିରରେ ପୂଜାର୍ଚ୍ଚନା କରାଯାଉଛି।

# 'ପଲ୍ଲୀରେ ପ୍ରଶାସନ' କାର୍ଯ୍ୟକ୍ରମ ଶୁଭାରମ୍ଭ

ରାୟଗଡ଼ା ଅଫିସ,୧୦।୯

ରାୟଗଡ଼ା ବ୍ଲକ ଗୁମ୍ମା ପଞ୍ଚାୟତଠାରେ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାଜେନ୍ଦ୍ର ମାଝି, ତହସିଲଦାର ଉମାଶଙ୍କର ବେହେରା, ସିଡ଼ିପିଓ ପୁଷ୍ପାଞ୍ଜଳି ମିଶ୍ର, ଅତିରିକ୍ତ ଯୋଗାଣ ବିଭାଗ ଅଧିକାରୀ ବିଶ୍ୱନାଥ ସେନାପତି, ବ୍ଲକ ଶିକ୍ଷାଧିକାରୀ ରଜନୀକାନ୍ତ ସାମନ୍ତରାଓ ଓ ସୁନୀଲ ପ୍ରସାଦ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ଯୋଜନା ବିଷୟରେ ଲୋକଙ୍କୁ ସଚେତନ କରାଇଥିଲେ। ଏଥିରେ ୫-ଟି ସମ୍ପର୍କିତ ସଚେତନତା ଓ ବିଭିନ୍ନ ଯୋଜନାର ବ୍ୟାନର ଓ ପୋଷ୍ଟର ଆଦିର ପ୍ରଦର୍ଶନୀ କରାଯାଇଥିଲା। ପ୍ରାରମ୍ଭରେ ପଲ୍ଲୀରେ ପ୍ରଶାସନର ଲୋଗୋ ଉନ୍ମୋଚନ କରାଯାଇଥିଲା। ବିଦ୍ୟାଳୟ ଓ ଅଙ୍ଗନୱାଡି କେନ୍ଦ୍ରରେ ଶିଶୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ନେଇ ସଚେତନତା କରାଯାଇଥିଲା। ଏହି ଅବସରରେ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଥିଲା । ଏଥିରେ ଗୁମ୍ମା, କୁମ୍ଭିକୋଟା, କୁଟୁଲି, ନାକିଟି ଓ ମାଟିକଣା ପଞ୍ଚାୟତରୁ ଆସିଥିବା ଲୋକଙ୍କଠାରୁ ଜମି, ଗୃହ, କୃଷି, ସ୍ୱାସ୍ଥ୍ୟ, ଶିକ୍ଷା କ୍ଷେତ୍ରରେ ଅଭିଯୋଗ ଗ୍ରହଣ କରାଯାଇ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କ ଜରିଆରେ ସମାଧାନ ନିମନ୍ତେ ନିର୍ଦ୍ଦେଶ ଦିଆଯାଇଥିଲା। ଏଭଳି ଭ୍ରାମ୍ୟମାଣ ଶିବିର ମାନ ଆୟୋଜନ କରାଯାଇ ଜନ ସଚେତନତା ସୃଷ୍ଟି ସହ ଅଭିଯୋଗ ଶୁଣାଣି କରାଯିବାର ଯୋଜନା ପ୍ରସ୍ତୁତ କରାଯାଇଥିବା ଗୋଷ୍ଠୀ ଉନ୍ନୟନ ଅଧିକାରୀ ମାଝି ପ୍ରକାଶ କରିଛନ୍ତି। ଏଠାରେ ମୋଟ ୧୪୬ଟି ଅଭିଯୋଗର ଶୁଣାଣି ହୋଇଥିଲା । ସେଥିମଧ୍ୟରୁ ଆବାସ ଯୋଜନାରେ ୪୭ଟି, ଜମି ସମ୍ପର୍କିତ ୭ଟି, ରାଶନ କାର୍ଡ ଓ ଆଧାର ସମ୍ପର୍କିତ ୪୪ଟି, ଭତ୍ତା ନିମନ୍ତେ ୩୪ ଓ ଅନ୍ୟାନ୍ୟ ୨୪ଟି ଥିଲା। ଏଗୁଡିକୁ ସମ୍ପୃକ୍ତ ବିଭାଗକୁ ହସ୍ତାନ୍ତର କରାଯାଇଛି। କାର୍ଯ୍ୟକ୍ରମକୁ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ନୃସିଂହଚରଣ ପଟ୍ଟନାୟକ ପରିଚାଳନା କରିଥିଲେ ।



ଅତିଥିମାନେ ପଲ୍ଲୀରେ ପ୍ରଶାସନ ଲୋଗୋ ଉନ୍ମୋଚନ କରୁଛନ୍ତି ।

# ଯୁବତୀଙ୍କ ଆତ୍ମହତ୍ୟା

ଗୁଣପୁର,୧୦।୯(ଡି.ଏନ.ଏ)

ରାୟଗଡା ଜିଲା ଗୁଣପୁର ସହର ଷ୍ଟେଶନ ରୋଡରେ ରହୁଥିବା ଜଣେ ଯୁବତୀ ମଙ୍ଗଳବାର ବେକରେ ଶାଢି ଦେଇ ଆତ୍ମହତ୍ୟା କରିଛନ୍ତି । ସେ ହେଲେ ଜେ.ରାମେଶ(୧୭) । ଘରେ କେହି ନ ଥିବା ସମୟରେ ସେ ଆତ୍ମହତ୍ୟା କରିଥିବା ଜଣାଯାଇଛି । ଏନେଇ ଗୁଣପୁର ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି ।

# କାଠ ବୋଝେଇ ଟ୍ରକ୍ ଜବତ

ଗୁଣପୁର,୧୦।୯(ଡି.ଏନ.ଏ)

ରାୟଗଡା ଜିଲା ଗୁଣପୁର ବନ ବିଭାଗ ବେଆଇନ ଭାବେ ଚୋରା ଚାଲାଣ ହେଉଥିବା ଏକ କାଠ ବୋଝେଇ ଟ୍ରକକୁ ଜବତ କରିବା ସହ ୨ ଜଣଙ୍କୁ ଗିରଫ କରିଛି । ସେମାନେ ହେଲେ କେ.ସୁରେଶ ଏବଂ ଜି.କ୍ରିଷ୍ଣା ରାଓ । ଜବତ କାଠର ମୂଲ୍ୟ ଦେଢ ଲକ୍ଷ ଟଙ୍କା ହେବ ବୋଲି ରେଞ୍ଜର ଅଶୋକ କୁମାର ପ୍ରଧାନ ପ୍ରକାଶ କରିଛନ୍ତି । ସୋମବାର ସନ୍ଧ୍ୟାରେ ମୁକୁନ୍ଦପୁର ଅଞ୍ଚଳର ବେଲାଙ୍ଗପଦର ଜଙ୍ଗଲରୁ ଟ୍ରକରେ କାଠ ବୋଝେଇ ହୋଇ ଯାଉଥିବା ଖବରପାଇ ବନବିଭାଗ ଚଢାଉ କରି ଏହାକୁ ଜବତ କରିଥିଲା । ଟ୍ରକରୁ ୫୮ଟି ପଣସ ଗଣ୍ଡି, ୨ଟି ଆମ୍ବ , ୨ଟି ଜାମୁକୋଳି କାଠ ଗଣ୍ଡି ଜବତ କରାଯାଇଛି । ବେଲାଙ୍ଗପଦର ଅଞ୍ଚଳରୁ ଟ୍ରକ (ନଂ.ଏପି ୧୬ଟିଜେ ୫୧୮୭)ରେ କାଠ ଆନ୍ଧ୍ରକୁ ଚୋରା ଚାଲାଣ ହେଉଥିଲା । ଗିରଫ ଦୁଇ ଅଭିଯୁକ୍ତଙ୍କୁ ମଙ୍ଗଳବାର ଗୁଣପୁର କୋର୍ଟକୁ ଚାଲାଣ କରାଯାଇଛି ।



ଗିରଫ ୨ ଅଭିଯୁକ୍ତ ଓ ଜବତ କାଠ।

# ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି

ଗୁଣପୁର,୧୦।୯(ଡି.ଏନ.ଏ)

ରାୟଗଡା ଜିଲା ଗୁଣପୁର ବ୍ଲକ ଗୋଠଳପଦରଠାରେ ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଗୁଣପୁର ତହସିଲଦାର ନମ୍ରତା ମୋଦି, ସହକାରୀ ଯନ୍ତ୍ରୀ ଦୁର୍ଯ୍ୟୋଧନ ଯାନୀ ଏବଂ ପଞ୍ଚାୟତର ନିର୍ବାହୀ ଅଧିକାରୀମାନେ ଯୋଗଦେଇ ଅଭିଯୋଗ ଶୁଣାଣି କରିଥିଲେ । ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ମାଧ୍ୟମରେ ଏହି ପଦକ୍ଷେପ ଗ୍ରହଣ କରାଯାଇଛି । ଅଭିଯୋଗ ଶୁଣାଣିରେ ବ୍ୟକ୍ତିଗତ ୫୯ ଏବଂ ସାମୂହିକ ୧୯ ଏପରି ସମୁଦାୟ ୭୮ଟି ଅଭିଯୋଗ ଶୁଣାଣି ହୋଇଥିଲା । ଏମାନଙ୍କ ବ୍ୟତୀତ ପଞ୍ଚାୟତର ସରପଞ୍ଚ ,ସିଡିପିଓ ମଧ୍ୟ ଉପସ୍ଥିତ ଥିଲେ ।



ଅଭିଯୋଗ ଶୁଣାଣିରେ ମଞ୍ଚାସୀନ ଅଧିକାରୀମାନେ ।

# ଷ୍ଟେଶନ ନିକଟରୁ ଜବରଦଖଲ ଉଚ୍ଛେଦ

ରାୟଗଡ଼ା ଅଫିସ, ୧୦।୯

ପ୍ରଶାସନ ପକ୍ଷରୁ ସ୍ଥାନୀୟ ଷ୍ଟେଶନ ନିକଟରେ ମଙ୍ଗଳବାର ଜବରଦଖଲ ଉଚ୍ଛେଦ କରାଯାଇଛି । ଷ୍ଟେଶନ ସମ୍ମୁଖରେ ମୋଟ ୧୧ଟି ଦୋକାନ ରହିଥିଲା। ସେଥିମଧ୍ୟରୁ କିଛିଦିନ ପୂର୍ବେ ୫ଟି ଦୋକାନକୁ ଉଚ୍ଛେଦ କରାଯାଇଥିଲା। ମଙ୍ଗଳବାର ୪ଟି ଉଚ୍ଛେଦ ହୋଇଛି। ଏଠାରେ ସୂଚନାଯୋଗ୍ୟ, ୨୦୧୭ରେ ଭାରତୀୟ ରେଳ ବିଭାଗ ଓ ଜବରଦଖଲକାରୀଙ୍କ ମଧ୍ୟରେ ମକଦ୍ଦମା ଚାଲୁ ରହିଥିଲା। ୩୦।୮।୨୦୧୯ରେ ଜିଲା ଅଦାଲତ ରେଳ ବିଭାଗ ସପକ୍ଷରେ ରାୟ ଶୁଣାଇଥିଲେ। ଅଦାଲତଙ୍କ ନିର୍ଦ୍ଦେଶକ୍ରମେ ମଙ୍ଗଳବାର ରେଳ ବିଭାଗ ଜମିରେ ଥିବା ଉକ୍ତ ୪ ଦୋକାନକୁ ଭଙ୍ଗା ଯାଇଥିଲା। ଜବରଦଖଲ ଉଚ୍ଛେଦ ସମୟରେ ଅତିରିକ୍ତ ତହସିଲଦାର ତଥା ମାଜିଷ୍ଟ୍ରେଟ ଭାବରେ ସୁନୀଲ ଖୋରା, ଏସଡ଼ିପିଓ ତପନ କୁମାର ରଥ, ଉପଜିଲାପାଳ ପ୍ରତାପ ଚନ୍ଦ୍ର ପ୍ରଧାନ, ଆସିଷ୍ଟାଣ୍ଟ ଇଞ୍ଜିନିୟର ଏସ୍. ଶ୍ରୀନିବାସଙ୍କ ସମେତ ଓଡ଼ିଶା ପୋଲିସ, ରେଲ୍‌ୱେ ପୋଲିସ ମୁତୟନଥିଲେ ।



ଜବରଦଖଲ ଉଚ୍ଛେଦ କରାଯାଉଛି ।